**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଧାନ କ୍ରୟ ଦାବିରେ ଉପଜିଲାପାଳଙ୍କୁ ଭେଟିଲେ ଚାଷୀ



ଉପ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଚାଷୀ।

**ମାଲକାନଗିରି,୨୫।୨ (ଦୁର୍ଯ୍ୟୋଧନ ପାତ୍ର)**

ଚାଷୀଙ୍କଠାରୁ ଧାନ କିଣିବାକୁ ଦାବିକରି ମାଲକାନଗିରି ସଦର ବ୍ଲକ୍ ପଦ୍ମଗିରି ଗ୍ରାମ ପଞ୍ଚାୟତର ଚାଷୀ ବୁଧବାର ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ସେମାନେ ଉପଜିଲାପାଳଙ୍କୁ ଏକ ଦରଖାସ୍ତ ମଧ୍ୟ ପ୍ରଦାନ କରିଛନ୍ତି। ଉକ୍ତ ଦରଖାସ୍ତରେ ଉଲ୍ଲେଖ ରହିଛି, ପଦ୍ମଗିରିର ପ୍ରତି ମଣ୍ଡିକୁ ୨ ହଜାର କୁଇଣ୍ଟାଲ ଧାନ ଉଠାଇବା ଟାର୍ଗେଟ ଥିବା ବେଳେ ୭୦୦ କୁଇଣ୍ଟାଲ, ୧୨୦୦ କୁଇଣ୍ଟାଲ ଏପରି ଭାବେ ଧାନ କ୍ରୟ କରାଯାଉଛି। ଫଳରେ ଚାଷୀ ନିଜର ଧାନ ବିକ୍ରି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଉକ୍ତ ମଣ୍ଡିରେ ସର୍ଭେ କରିବାରୁ ଜଣାପଡିଛି ଯେ, ବର୍ତ୍ତମାନ ସୁଦ୍ଧା ଆହୁରି ୬୦୦୦ କୁଇଣ୍ଟାଲ ଧାନ ଗଚ୍ଛିତ ରହିଛି, ଯାହାକି ଚାଷୀମାନେ ବର୍ତ୍ତମାନ ସୁଦ୍ଧା ବିକ୍ରି କରି ପାରୁନାହାନ୍ତି। ଏହି ଚାଷୀମାନଙ୍କ ମଧ୍ୟରୁ ବହୁ ନୂତନ ଚାଷୀ ଥିବା ବେଳେ ଆଉ କେତେଜଣ ଚାଷୀ ଅଧା ଧାନ ବିକ୍ରି କରିଛନ୍ତି ଏବଂ ଅଧା ଚାଷୀ ଆଦୌ ଧାନ ବିକ୍ରି କରି ପାରିନାହାନ୍ତି। ଯଦି ସରକାରଙ୍କ ନିୟମ ଅନୁଯାୟୀ ପୂର୍ବରୁ ନିର୍ଦ୍ଧାରିତ କରାଯାଇଥିବା ପ୍ରତି ମଣ୍ଡିରେ ୨ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ନିୟମ ଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏହି ଧାନମଣ୍ଡିରେ ଟାର୍ଗେଟ ସମ୍ପୂର୍ଣ୍ଣ ହେବା ସହ ଚାଷୀଙ୍କ ସମସ୍ତ ଧାନ ବିକ୍ରି ମଧ୍ୟ ହୋଇଯାଇଥାନ୍ତା । କିନ୍ତୁ କେଉଁ କାରଣରୁ ଏହାକୁ ୨ ହଜାର କୁଇଣ୍ଟାଲ ପରିବର୍ତ୍ତେ ୭୦୦ କୁଇଣ୍ଟାଲକୁ କରାଯାଇଛି ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଟାର୍ଗେଟ ୨ ହଜାର କୁଇଣ୍ଟାଲ କରିବା ପାଇଁ ଦାବି କରିଛନ୍ତି। ଏଥିସହ ବହୁ ଚାଷୀଙ୍କ ଟୋକେନ ଥିବା ସତ୍ତ୍ୱେ ଧାନ ଉଠି ପାରୁ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଏ ସମ୍ବନ୍ଧରେ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଏହାର ତଦନ୍ତକରି ପଦ୍ମଗିରି ଧାନମଣ୍ଡିର ଚାଷୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ସ୍ନାତକ ମହାବିଦ୍ୟାଳୟ ପାଇଁ ନୂତନ ଏକାଡେମିକ କୋଠା ନିର୍ମାଣ ଦାବି

# ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ମାଲକାନଗିରି ବିଧାୟକ



ମାଲକାନଗିରି ବିଧାୟକ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାବିପତ୍ର ଦେଉଛନ୍ତି।

**ମାଲକାନଗିରି,୨୫।୨ (ଗୌରିଶଙ୍କର ପଣ୍ଡା)**

ମାଲକାନଗିରିସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ନୂତନ ଏକାଡେମିକ କୋଠା ନିର୍ମାଣ ଦାବି ହୋଇଛି। ଏ ନେଇ ମାଲକାନଗିରି ବିଧାୟକ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭୁବନେଶ୍ୱରଠାରେ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିସହ ମହାବିଦ୍ୟାଳୟର ଅନେକ ସମସ୍ୟା ଉପରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ବିଧାୟକ ନରସିଂହ ମାଡ଼କାମୀ ମନ୍ତ୍ରୀଙ୍କ ସହ ଆଲୋଚନାକରି ଏହା ଉପରେ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଆଲୋକ କୁମାର ପାତ୍ର ମଧ୍ୟ ଭୁବନେଶ୍ୱରରେ ପହଞ୍ଚି ଶିକ୍ଷାମନ୍ତ୍ରୀ ଏବଂ ବିଧାୟକଙ୍କୁ ସାକ୍ଷାତକରି ଅନୁଷ୍ଠାନର ବିକାଶ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ମାଲକାନଗିରି ଏକ ଅନୁନ୍ନତ ଜିଲା ହୋଇଥିବା ବେଳେ ଏଠାରେ ଉଚ୍ଚଶିକ୍ଷା ଅର୍ଜନକରିବା ପାଇଁ ଛାତ୍ରୀଛାତ୍ର ବାହାର ରାଜ୍ୟ ସହିତ ଭୁବନେଶ୍ୱର, ବ୍ରହ୍ମପୁର ଭଳି ସହରକୁ ଯାଆନ୍ତି, ଯାହାକି ଗରିବ ମଧ୍ୟବିତ୍ତ ପିଲାଙ୍କ ପାଇଁ ଅନେକ ସମୟରେ ସମ୍ଭବପର ହୋଇ ନ ଥାଏ। ଫଳରେ ବାଧ୍ୟହୋଇ ଜିଲାର ଅନେକ ଛାତ୍ରୀଛାତ୍ର ଅଧାରେ ପାଠ ଛାଡ଼ନ୍ତି। ତେଣୁ ମାଲକାନଗିରି ଜିଲାରେ ଉଚ୍ଚଶିକ୍ଷା ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟିଦେଲେ ଏଠାରେ ଅନେକ ପାଠ ଛାଡ଼ିଥିବା ଛାତ୍ରୀଛାତ୍ର ପୁନର୍ବାର ନିଶ୍ଚୟ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ସେ ଅନୁରୋଧ କରିଛନ୍ତି। ତେବେ ଏ ଦିଗରେ ଦୃଷ୍ଟିଦେଇ ତ୍ୱରିତ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।

# ଏନ୍‌ଏଚ୍ ମଝିରେ ଗର୍ତ୍ତ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

**ଏମ୍‌ଭି-୭୯, ୨୫।୨ (ଆଶିଷ ବାଇନ)**

ମାଲକାନଗିରି ଜିଲା କାଲିମେଲା ବ୍ଲକର ଏମ୍‌ଭି-୭୯ ଦେଇ ଯାଇଥିବା ଜାତୀୟ ରାଜପଥ (ଏନ୍‌ଏଚ୍) ମଝିରେ ଏକ ବଡ଼ ଗର୍ତ୍ତ ଥିବାରୁ ଲୋକେ ଯାତାୟାତ ସମୟରେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏମ୍‌ଭି-୭୯ ମୁଖ୍ୟ ଛକରେ ଗାତ ଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତାରେ ଆନ୍ଧ୍ରପ୍ରଦେଶ ସହ ଦକ୍ଷିଣ ଭାରତର ବିଭିନ୍ନ ପ୍ରମୁଖ ସହରକୁ ଭାରିଯାନ ଚଳାଚଳ କରୁଛି। କିନ୍ତୁ ଏମ୍‌ଭି-୭୯ ଛକର ଠିକ ମଝିରେ ରାସ୍ତା ଧସିଯିବାରୁ ଗାଡ଼ିଗୁଡ଼ିକୁ ବାଧ୍ୟହୋଇ ରାସ୍ତାର ଉଭୟ ପାର୍ଶ୍ୱରେ ସାଇଡ ହୋଇ ଯିବାକୁ ପଡୁଛି। ଫଳରେ ପ୍ରାୟ ସମୟରେ ଏଠାରେ ଟ୍ରାଫିକ ଜାମ ହେଉଛି।

ସୂଚନା ଅନୁସାରେ, ରାସ୍ତା ତଳେ ପାନୀୟ ଜଳ ପାଇପ ଲାଇନ ଯାଇଥିବାରୁ ପୂର୍ବରୁ ଏହାର ମରାମତି କରାଯାଇଥିଲା। କିନ୍ତୁ ପାଇପ ଫାଟିବା ଓ ବାରମ୍ବାର ପାଣି ଜମି ରହିବା ଯୋଗୁ ପୁନଃ ରାସ୍ତା ଧସିଯାଇ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଆଗରୁ ମଧ୍ୟ ଅସ୍ଥାୟୀ ଭାବେ ମରାମତି କରିଥିଲେ, କିନ୍ତୁ ତାହା ଦୀର୍ଘସ୍ଥାୟୀ ହୋଇପାରିନାହିଁ। ଏବେ ଜିଲାରେ ରାଜପଥ ମରାମତି କାମ ଚାଲୁଥିବା ବେଳେ ଏମଭି-୭୯ ମୁଖ୍ୟ ଛକର ଏହି ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସ୍ଥାନେ ସ୍ଥାନେ ସୃଷ୍ଟି ହୋଇଥିବା ଖାଲ ଗୁଡ଼ିକୁ ସ୍ଥାୟୀ ଭାବରେ ମରାମତି କରିବା ପାଇଁ ମଧ୍ୟ ଅନୁରୋଧ ହୋଇଛି। ଅନ୍ୟପଟେ, ଦୁର୍ଘଟଣା ଏଡ଼ାଇବା ପାଇଁ ପୋଲିସ ପକ୍ଷରୁ ଖାଲ ମଝିରେ ଦୁଇଟି ଲାଇଟ ବ୍ୟାରିକେଡ ରଖାଯାଇଛି। କିନ୍ତୁ ଛକର ମଝିଭାଗରେ ବ୍ୟାରିକେଡ ରହିଥିବାରୁ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ବର୍ଷା ବା ପାଇପ ଲିକେଜ ଫଳରେ ଜମିଥିବା ପାଣି ଅନ୍ୟ ଯାତ୍ରୀଙ୍କ ଉପରେ ଛିଟିକି ପଡୁଥିବା ଅଭିଯୋଗ ହେଉଛି।



ଏମଭି-୭୯ ମୁଖ୍ୟ ଛକରେ ରହିଥିବା ଗାତ।

# ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କ୍ରୀଡ଼ା ପ୍ରତିଯୋଗିତା

ମାଲକାନଗିରି, ୨୫।୨ (ଗୌରି ଶଙ୍କର ପଣ୍ଡା)

ଅର୍ନ୍ତଜାତୀୟ ମହିଳା ଦିବସ-୨୦୨୬ ଉପଲକ୍ଷେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ମାଲ୍ୟବନ୍ତ ହଷ୍ଟେଲ ପରିସରରେ ବୁଧବାର ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଛି। ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଠାରେ ଜିଲାସ୍ତରୀୟ ସଙ୍ଗୀତ, ଝୋଟି, କବାଡି, ଖୋ-ଖୋ ଏବଂ ଦୌଡ଼ିଟଣା ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ପ୍ରକଳ୍ପସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ବ୍ଲକସ୍ତରରେ ଆୟୋଜିତ ପ୍ରତ୍ୟେକ ଖେଳରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ଶାରୀରିକ ଖେଳ ଶିକ୍ଷକ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ରମାକାନ୍ତ ମାଝୀ, କୁମାରୀ ଖଞ୍ଜନା ଠାକୁର ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ଅର୍ନ୍ତର୍ଜାତୀୟ ମହିଳା ଦିବସରେ ସମ୍ମାନିତ କରାଯିବ । ଏହାର ତାଲିକା ରାଜ୍ୟକୁ ପ୍ରଦାନ କରାଯିବ। ଜିଲା ସମାଜ କଲ୍ୟାଣ ଅଧିକାରୀ ଗୌରୀ ନାୟକଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ମମତା ଚୌଧରୀ, ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ ଓ ଜିଲା ଅଫିସର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ସଂଯୋଜିକା ମିନାକ୍ଷୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଜିଲା ନାରୀ ସଶକ୍ତିକରଣ କେନ୍ଦ୍ରର କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ । ଜିଲା ସୁରକ୍ଷା ଅଧିକାରୀ ଟି. ଜୟଲକ୍ଷ୍ମୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।



ଦୌଡ଼ିଟଣା ପ୍ରତିଯୋଗିତାରେ ଭାଗନେଇଥିବା ମହିଳା।

# ଦେଶୀ ମଦ ଚାଲାଣବେଳେ ଚଢ଼ାଉ, ୨ ଗିରଫ

**ଜୟପୁର ୨୫।୨(ପବନ ପାଣିଗ୍ରାହୀ)**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା କର୍ମଚାରୀ ବୁଧବାର ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଆମ୍ବାଗୁଡ଼ାର ଦାମଦୋର ନାୟକ ଓ ପୁଡ୍ରା ଗ୍ରାମର କମୁଲୁ ଭତ୍ରା। ଦେଶୀ ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରୀ କର୍ମଚାରୀ ଆମ୍ବାଗୁଡା ଓ ପୁଡ୍ରା ରାସ୍ତାରେ ଚଢାଉ କରିଥିଲେ। ଅଭିଯୁକ୍ତମାନଙ୍କଠାରୁ ୧୭ ଲିଟର ଦେଶୀ ମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟା ୬ଟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରୀ ହିରନ ସୂଚନା ଦେଇଛନ୍ତି।

# ଆରମ୍ଭ ହେଲା ବଜାର ରାସ୍ତା ନିର୍ମାଣ କାର୍ଯ୍ୟ



ରାସ୍ତାକାମ ପାଇଁ ଇଟା, ବାଲି ଗଦା କରାଯାଇଛି।

**କୋରୁକୋଣ୍ଡା,୨୫।୨(ଶିବଦତ୍ତ ସାହୁ )**

ମାଲକାନଗିରି ଜିଲା ବାଲିମେଳା ସହରରେ ଥିବା ଆଇଏମ୍‌ଏସ୍‌ଟି ସ୍କୁଲ ସମ୍ମୁଖ ଛକରୁ ଦୈନିକ ବଜାର ଯିବା ମୁଖ୍ୟରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବାଲିମେଳା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଡୋରାଙ୍କ ତତ୍ତ୍ୱାବଧାନରେ ବୁଧବାର ସକାଳୁ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ବାଲିମେଳା ସହରରେ ଥିବା ଆଇଏମ୍‌ଏସ୍‌ଟି ସ୍କୁଲ ସମ୍ମୁଖ ଛକରୁ ଦୈନିକ ବଜାର ଯିବା ମୁଖ୍ୟରାସ୍ତା ପ୍ରବେଶପଥର ପ୍ରାୟ ୨୦୦ମିଟର ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଥିଲା। ବାଲିମେଳା ପାୱାରହାଉସ ମୁଖ୍ୟ ରାସ୍ତାକୁ ଏହା ସଂଯୋଗ କରୁଥିବା ସ୍ଥାନରେ ପିଚୁ ଓ କଂକ୍ରିଟ ଉଠିଯିବା ଯୋଗୁ ଏଠାରେ ଛୋଟ ବଡ ଗର୍ତ୍ତ ସୃଷ୍ଟି ହୋଇଥିଲା। ଫଳରେ ପ୍ରତିଦିନ ଏହି ରାସ୍ତାଦେଇ ବିଦ୍ୟାଳୟକୁ ପାଠ ପଢିବାକୁ ଯାଉଥିବା ଛତ୍ରୀଛାତ୍ର ଏବଂ ଦୈନିକ ବଜାରକୁ ଯାଉଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ନିମନ୍ତେ ୱାର୍ଡ ନମ୍ବର-୬ର କାଉନସିଲର ତୁଳାମଣି ଛତି ଏବଂ ୱାର୍ଡ ନମ୍ବର-୯ର କାଉନସିଲର କୃଷ୍ଣ ବାଘ ଏବଂ ଅଞ୍ଚଳବାସୀ ବହୁବାର ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଗତବର୍ଷ ମାର୍ଚ୍ଚ ୨୭ ତାରିଖରେ ଧରିତ୍ରୀରେ ଖବର ମଧ୍ୟ ପ୍ରକାଶ ପାଇଥିଲା। ଏହାପରେ ଖୁବ୍‌ଶୀଘ୍ର ରାସ୍ତା ନିର୍ମାଣ କରିବାକୁ ନିର୍ବାହୀ ଅଧିକାରୀ ସମସ୍ତଙ୍କୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ।

**୨୨ତମ ଜନ୍ମଦିନ ଶୁଭେଚ୍ଛା**



**ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)**

ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା

ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-

ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ।

ଧ-୨୪୪

# ଗଛ ଉପୁଡ଼ି ଗୋଲୁର-ମକାପୁଟ ରାସ୍ତା ଅବରୋଧ



ଅଗ୍ନିଶମ କର୍ମଚାରୀମାନେ ଗଛକାଟି ରାସ୍ତା ଅବରୋଧ ହଟାଉଛନ୍ତି।

**ନନ୍ଦପୁର, ୨୫।୨(ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁରରେ ମଙ୍ଗଳବାର ରାତିରେ ହୋଥିବା ଲଘୁଚାପ ଜନିତ ବର୍ଷାରେ ଏକ ବିରାଟ ଆମ୍ବ ଗଛ ଉପୁଡ଼ି ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତ ମକାପୁଟ ରାସ୍ତା ଅବରୋଧ ହୋଇଥିଲା। ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ବୁଧବାର ସକାଳୁ ଘଟଣା ସମ୍ପର୍କରେ ସୂଚନା ପାଇ ନନ୍ଦପୁର ଅଗ୍ନିଶମ ବାହିନୀ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ଉପରୁ ଅବରୋଧ ହଟାଇ ଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅଗ୍ନିଶମ ଦଳରେ କେନ୍ଦ୍ରାଧିକାରୀ ହେମନ୍ତ ସାମଲ, ମୁଖ୍ୟ ଅଗ୍ନିଯୋଦ୍ଧା ଜି. ଚିନାରେଡ୍ଡୀ, ଅଗ୍ନିଯୋଦ୍ଧା ପ୍ରକାଶ କିଷାନ, ଥବିର ଭୋଇ, ଜଗନ୍ନାଥ ଦଳାଇ, କିରଣ ମହାରଣା, ସି.ଦେହୁରୀ ପ୍ରମୁଖ ସାମିଲ ଥିଲେ।

# ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ବୈଠକ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ

## ବାଲଡ଼ା ସରପଞ୍ଚଙ୍କ ବିରୋଧରେ ଆଗତ ହୋଇଛି ଅନାସ୍ଥା ପ୍ରସ୍ତାବ

ନନ୍ଦପୁର/ପାଡୁଆ, ୨୫।୨
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଲଡ଼ା ପଞ୍ଚାୟତ ସରପଞ୍ଚ ବିକ୍ରମ ସୀସାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ନିମନ୍ତେ ନିଷ୍ପତି ନେବାକୁ ଆସନ୍ତା ୨୭ରେ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ବୈଠକ ଆୟୋଜନ କରିବାକୁ ନିର୍ଦ୍ଦେଶ ରହିଥିଲା। ଉକ୍ତ ବୈଠକକୁ ସ୍ଥଗିତ ରଖିବାକୁ କୋରାପୁଟ ଉପଜିଲାପାଳ ପ୍ରେମାଲାଲ ହିଆଲ୍ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୧୦୫/୨୦୨୬ ତା ୨୫/୨/୨୦୨୬ ପ୍ରକାରେ ବାଲଡ଼ା ପଞ୍ଚାୟତର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଅନାସ୍ଥା ବୈଠକ ସ୍ଥଗିତ ରଖାଗଲା ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ଏହାର ନକଲ ସରପଞ୍ଚ, ସମସ୍ତ ୱାର୍ଡସଭ୍ୟ, ପ୍ରିଜାଇଡିଂ ଅଫିସର ଡେପୁଟି କଲେକ୍ଟର, ନନ୍ଦପୁର ତହସିଲଦାର, ପାଡୁଆ ଥାନାଧିକାରୀ ଓ ନନ୍ଦପୁର ବିଡିଓଙ୍କୁ ପ୍ରେରଣ କରାଯାଇ ପଞ୍ଚାୟତ, ବ୍ଲକ, ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ମାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ଦେଖି ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ବାଲଡ଼ା ପଞ୍ଚାୟତର ୮ ୱାର୍ଡ ସଭ୍ୟାସଭ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୧୫ ଅକ୍ଟୋବର ୨୦୨୫ରେ ସେମାନେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଦୁଇ ଦୁଇଥର ୱାର୍ଡ ସଭ୍ୟାସଭ୍ୟଙ୍କ ଦସ୍ତଖତ ଯାଞ୍ଚ ହୋଇଥିଲା। କିନ୍ତୁ ସେତେବେଳେ ବାଲଡ଼ା ପଞ୍ଚାୟତରେ କୌଣସି ଅଘଟଣ, ଅପରାଧିକ ମାମଲା କିମ୍ବା ଆଇନ ଶୃଙ୍ଖଳା ପରିସ୍ଥିତି ବିଗାଡିବା ଭଳି ଘଟଣା ଘଟି ନ ଥିବା କହିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ସ୍ଥଗିତ ନିର୍ଦ୍ଦେଶର ପୁନଃ ବିଚାର କରନ୍ତୁ ବୋଲି ସେମାନେ କହିଛନ୍ତି। ଅନାସ୍ଥା ପ୍ରସ୍ତାବ ଆଗତ ହେବା ଦିନଠାରୁ ବାଲଡ଼ା ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ମାରପିଟ୍, ଧମକ, ଆରୋପ ପ୍ରତ୍ୟାରୋପ ଭଳି ୬ ମାମଲା ପାଡୁଆ ଥାନାରେ ରୁଜୁ ହୋଇଥିବା ଥାନାଧିକାରୀ ଅଶୋକ ବିଷୋୟୀ ସୂଚନା ଦେଇଛନ୍ତି।

**Classified Everyday**
0674-2580101, 9692975378

**AFFIDAVIT**

I, Litton Behra, Village-Niranjanpur, Dist.-Khorda, Jatni, Odisha 752050, declare by this Affidavit serial No- 79AA335016, that now onwards I shall be known as Litton Behera for all future purposes.
D-3481

I, Muralidhar Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No 79AA335014, that now onwards I shall be known as Muralidhar Behera for all future purposes. D-3482

I, Sarojini Behra, Village-Niranjanpur, Dist.-Khorda, Jatni, Odisha, 752050, declare by this Affidavit serial No-79AA335015, that now onwards I shall be known as Sarojini Behera for all future purposes. D-3482

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶ୍ରମିକଙ୍କୁ ୧୨୫ ଦିନ ନିଶ୍ଚିତ କର୍ମ ନିଯୁକ୍ତି ମିଳିବ: ମନ୍ତ୍ରୀ

## ଭିବି ଜି ରାମ ଜି ଯୋଜନା ନେଇ ସଚେତନତା

କୋଟପାଡ଼, ୨୫।୨ (କେ ରାଜଶେଖର ରାଓ)

ଭିବି ରାମ ଜି ଯୋଜନା ସମ୍ପର୍କରେ ସଚେତନତା ନେଇ କୋରାପୁଟ ଜିଲା କୋଟପାଡ଼ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଏକ ସାଧାରଣ ସଭା ବୁଧବାର ସ୍ଥାନୀୟ ଦଶହରା ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତରାଜ ମନ୍ତ୍ରୀ ରବିନାରୟଣ ନାଏକ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ସମ୍ମାନିତ ଅଥିତି ରୂପେ ସ୍ଥାନୀୟ ବିଧାୟକ ରୂପୁ ଭୋତରା, କୋରାପୁଟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଣୁଧର ଶବର, ନବରଙ୍ଗପୁର ଏମ୍‌ପି ପ୍ରତିନିଧି ରାମେଶ୍ୱର ଜେନା, ବ୍ଲକ ଅଧ୍ୟକ୍ଷା କମଳା ପୂଜାରୀ, ମାଣ୍ଡିଆ ରାଣୀ ରାଇମୋଟି ଦୁରୁଆ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଡ଼ିଓ ସନ୍ଧ୍ୟାରାଣୀ ସମରଥ ପରିଚାଳନା କରିଥିଲେ। ଏଥିରେ କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ୍‌ର ବିଡ଼ିଓମାନେ ଉପସ୍ଥିତ ଥିଲେ । ପୂର୍ବରୁ ଥିବା ଏମ୍‌ଜିଏନଆରଇଜିଏ କାର୍ଯ୍ୟକ୍ରମରେ ଶ୍ରମିକଙ୍କୁ ୧୦୦ ଦିନ କାର୍ଯ୍ୟ ଦିବସ ଦିଆଯାଉଥିଲା, କିନ୍ତୁ ବର୍ତ୍ତମାନ ସରକାର ଭିବି ଜି ରାମ ଜି ଯୋଜନାରେ ଶ୍ରମିକଙ୍କୁ ୧୨୫ ଦିନ ନିଶ୍ଚିତ କର୍ମ ନିଯୁକ୍ତି, ବେରୋଜଗାର ଭତ୍ତା ପାଇଁ ଦୃଢ଼ ପଦକ୍ଷେପ, ଠିକ ସମୟରେ ମଜୁରୀ ପ୍ରଦାନ, ବିଳମ୍ବ ହେଲେ କ୍ଷତିପୂରଣ, ବିକଶିତ ଗ୍ରାମ ପଞ୍ଚାୟତରେ ସମସ୍ତ ଯୋଜନା ଅନ୍ତର୍ଭୁକ୍ତ, ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସଶକ୍ତିକରଣ ଗ୍ୟାରେଣ୍ଟି ସମ୍ପୂର୍ଣ ପ୍ରତିବୋଧତା ୨୦୪୭ ସୁଦ୍ଧା ବିକୋଶିତ ଭାରତ ଗଠନ ନିମନ୍ତେ ସରକାର ପଦକ୍ଷେପ ନେଇଥିବା ଉପସ୍ଥିତ ୨ ମନ୍ତ୍ରୀ ମତ ପ୍ରକାଶ କରିଥିଲେ। ଏଥିସହ ଗ୍ରାମାଞ୍ଚଳର ପ୍ରତି ପଞ୍ଚାୟତରେ ଉକ୍ତ ନିୟମ ଅନୁଯାୟୀ କାର୍ଯ୍ୟ ତୁଲାଇବାକୁ ଲୋକଙ୍କୁ ସଚେତନ କରାଯାଇଥିଲା। ସାଧାରଣ ସଭାରେ କୋଟପାଡ଼ ବ୍ଲକର ସମସ୍ତ ପଞ୍ଚାୟତ ଜନ ପ୍ରତିନିଧି, ବହୁ ମହିଳା ପୁରୁଷ ଶ୍ରମିକ ଏବଂ ଜନ ସାଧାରଣ ଉପସ୍ଥିତ ରହିଥିଲେ । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଜାତୀୟ ରାଜପଥ ୬୩ର ବ୍ରାହ୍ମଣାଦେଇ ମନ୍ଦିର ପ୍ରାଙ୍ଗଣରେ ୬୪ ଲକ୍ଷ ଟଙ୍କା ବ୍ୟୟରେ ଏକ କଲ୍ୟାଣମଣ୍ଡପର ଶିଳାନ୍ୟାସ କରିଥିଲେ।




କାର୍ଯ୍ୟକ୍ରମରେ ୨ ମନ୍ତ୍ରୀଙ୍କ ସହ ଉପସ୍ଥିତ ଅଧିକାରୀ।

